# ଜନ ଲୋକପାଳ ବିଲ୍ – ସମ୍ଭାବନା ଓ ସୀମାବଦ୍ଧତା

ଅତୀତରେ ଭାରତବର୍ଷରେ ଲୋକାଭିମୁଖୀ ଆଇନ୍ ପ୍ରଣୟନ ପାଇଁ ବହୁ ଜନ ଆନ୍ଦୋଳନ ହୋଇଛି, ଏବଂ ତହିଁର ଫଳସ୍ୱରୂପ, କେତେକ ପ୍ରଗତିଶୀଳ ଆଇନ୍ ମଧ୍ୟ ପ୍ରଣୀତ ହୋଇପାରିଛି, ଯେପରି ସୂଚନା ଅଧିକାର ଆଇନ୍ ୨୦୦୫ ଏବଂ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ । କିନ୍ତୁ ଆଇନ୍‌ସଭାରେ ଆଇନ୍ ପ୍ରଣୟନ ପୂର୍ବରୁ ଗୋଟିଏ ଚିଠା ବିଧେୟକରେ କି କି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିବା ଉଚିତ୍, ସେ ସଂକ୍ରାନ୍ତରେ ଏକ ଜାତୀୟ ବିତର୍କ ଆରମ୍ଭ କରିବା ଏବଂ ସେଥିରେ ସାଧାରଣ ଜନତାଙ୍କୁ ସାମିଲ୍ କରିବା ତଥା ଆଇନ୍ ପ୍ରଣୟନ କମିଟିରେ ଉଭୟ ସରକାରୀ ଏବଂ ନାଗରିକ-ସମାଜ ତରଫରୁ ସମାନସଂଖ୍ୟକ ପ୍ରତିନିଧି ରହିବା ବ୍ୟବସ୍ଥା ନିଶ୍ଚିତ ରୂପେ ଏକ ଅଭୂତପୂର୍ବ ଘଟଣା, ଯାହାକି ଆନ୍ନା ହଜାରେଙ୍କ ଆହ୍ୱାନରେ ପରିଚାଳିତ ଜନ ଅଭିଯାନ ଫଳରେ ସମ୍ଭବ ହୋଇପାରିଛି । ଆଗାମୀ ଦିନରେ କେନ୍ଦ୍ର ବା ରାଜ୍ୟ ସ୍ତରରେ ଯେ କୌଣସି ଆଇନ୍ ପ୍ରଣୟନ ହେବା ପୂର୍ବରୁ ତହିଁର ଚିଠା-ପ୍ରସ୍ତାବ ପ୍ରତି ସରକାରଙ୍କ ତରଫରୁ ଜନମତ ଲୋଡାଯିବା ବା ନାଗରିକ ସମାଜ ତରଫରୁ ସେ ବିଷୟରେ ସରକାରଙ୍କୁ ପରାମର୍ଶ ଦେବାର ଏକ ସୁସ୍ଥ ପରମ୍ପରା ଏହି ଆନ୍ଦୋଳନ ଫଳରେ ସୃଷ୍ଟି ହୋଇପାରିଛି । ଏହା ଦ୍ୱାରା ଆମର ସଂସଦୀୟ ଗଣତନ୍ତ୍ର ଆହୁରି ମଜଭୁତ୍ ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

### ପ୍ରଚଳିତ ଦୁର୍ନୀତି ନିବାରଣ ସଂସ୍ଥାମାନ

ଦୁର୍ନୀତି ଆଜିକାର ସମସ୍ୟା ନୁହେଁ; ସ୍ୱାଧୀନତା ପରେ ପରେ ମଧ୍ୟ ଦେଶରେ ଚାରିଆଡେ ଦୁର୍ନୀତି ବ୍ୟାପି ରହିଥିଲା, ଏବଂ ସେତେବେଳେ ମଧ୍ୟ ତହିଁର ପ୍ରତିକାର ପାଇଁ ଏକ ଦୁର୍ନୀତି ନିବାରଣ ଆଇନ୍ ୧୯୪୭ ଚାଲୁ ହେଲା । କିନ୍ତୁ ତଦ୍ୱାରା ଦୁର୍ନୀତି କମିବା ପରିବର୍ତ୍ତେ ପୁଣି ବଢିବଢି ଚାଲିଲା । କାରଣ, ଏହି ଆଇନ୍ ଅନୁଯାୟୀ, କୌଣସି ମନ୍ତ୍ରୀ ବା ଅଫିସର୍ ବିରୁଦ୍ଧରେ ପୋଲିସ୍ କିମ୍ବା ଅଦାଲତ କେଶ୍ ରଜୁ କରିବାକୁ ଚାହିଁଲେ ସଂପୃକ୍ତ ବିଭାଗର ପ୍ରମୁଖ କର୍ତ୍ତୃପକ୍ଷଙ୍କର ଅନୁମତି ଲୋଡିବାକୁ ପଡୁଥିଲା । ଯେଉଁଠି ଖୋଦ୍ ବିଭାଗୀୟ ମନ୍ତ୍ରୀ କିମ୍ବା ଅଧିକାରୀ ନିଜେ ଦୁର୍ନୀତିରେ ଜଡିତ ଥିବେ, ସେପରି ସ୍ଥଳେ ସେହି ବିଭାଗର ପ୍ରମୁଖ କର୍ତ୍ତୃପକ୍ଷ କେଶ୍ ଦାଏର୍ କରିବା ପାଇଁ ଅନୁମତି ଦେବେ କେମିତି ? ଉକ୍ତ ଆଇନ୍ ପ୍ରତ୍ୟାହୃତ ହୋଇ ବର୍ତ୍ତମାନ ପ୍ରଚଳିତ ଥିବା ଦୁର୍ନୀତି ନିବାରଣ ଆଇନ୍ ୧୯୮୮ ଚାଲୁ ହେଲା, କିନ୍ତୁ ସେହି ଗଳାବାଟ ସେମିତି ଅକ୍ଷୁର୍ଣ୍ଣ ରହିଲା । ଏହି ଆଇନ୍ ଅନୁଯାୟୀ ସି.ବି.ଆଇ. (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ) ଭଳି ଓଡିଶା ଭିଜିଲାନ୍ସ ନିର୍ଦ୍ଦେଶାଳୟ ବିଭିନ୍ନ ଦୁର୍ନୀତି ଅଭିଯୋଗର ଅନୁସନ୍ଧାନ ଏବଂ ଅଭିଯୋଜନ କରୁଛନ୍ତି, କିନ୍ତୁ ଉପରୋକ୍ତ ଗଳାବାଟ କାରଣରୁ ଏହା ମନ୍ତ୍ରୀବୃନ୍ଦ ବା ଉଚ୍ଚ-ପ୍ରଶାସକମାନଙ୍କ ସ୍ତରରେ ଘଟୁଥିବା ଦୁର୍ନୀତିର ପ୍ରତିରୋଧ କରିପାରୁନାହିଁ ଏବଂ ଉକ୍ତ ସଂସ୍ଥାଗୁଡିକ ମୋଟ ଉପରେ ସରକାରୀ ଦଳର ହାତବାରିସୀରେ ପରିଣତ ହୋଇସାରିଛି । ୧୯୫୦ରେ ଘୋଷିତ ହୋଇଥବା ସମ୍ବିଧାନରେ ଧାରା-୧୪୮ରୁ ୧୫୧ରେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ଆୟ-ବ୍ୟୟକୁ ସମୀକ୍ଷା କରି ସେଥିରେ ଘଟିଥିବା ତ୍ରୁଟିବିଚ୍ୟୁତି ଦର୍ଶାଇବାର କ୍ଷମତା ଭାରତର ମହା ହିସାବ ସମୀକ୍ଷକ (ସି ଏଣ୍ଡ୍ ଏଜି)ଙ୍କୁ ଦିଆଯାଇଛି, କିନ୍ତୁ ସି.ଏଜି.ଙ୍କ ରିପୋର୍ଟରେ ଦର୍ଶୀତ ଦୁର୍ନୀତି ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନତଃ ବାଧ୍ୟ ନୁହଁନ୍ତି । ଅନ୍ୟ ପକ୍ଷରେ ଆଉ ଏକ ଆଇନ୍, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ୍ ଆଇନ୍ ୨୦୦୩ ଚାଲୁ ରହିଛି, ଯାହାକି କେବଳ କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ବିରୁଦ୍ଧରେ ଆଗତ ଦୁର୍ନୀତି ଅଭିଯୋଗର ଅନୁସନ୍ଧାନ ଓ ଅଭିଯୋଜନ ପାଇଁ ଉଦ୍ଦିଷ୍ଟ । ଏକଥା ସତ, ସିବିଆଇ ବା ରାଜ୍ୟ ଭିଜିଲାନ୍ସର ମୁଖ୍ୟ ଅଧିକାରୀମାନେ ସରକାରଙ୍କ ଦ୍ୱାରା ସିଧାସଳଖ ନିଯୁକ୍ତ ହେଉଥିବା ବେଳେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍ ଓ ଅନ୍ୟ ଦୁଇଜଣ କମିଶନର୍ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ସଂସଦର ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଏକ ତିନିଜଣିଆ ଚୟନ କମିଟିର ସୁପାରିଶ୍ କ୍ରମେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କର କାହା ବିରୁଦ୍ଧରେ ଦଣ୍ଡବିଧାନ କରିବାର କ୍ଷମତା ନାହିଁ, ସେ କେବଳ ଏ ବିଷୟରେ ସଂପୃକ୍ତ ବିଭାଗଙ୍କୁ ପରାମର୍ଶ ଦେଇପାରନ୍ତି, ଏବଂ ସଂପୃକ୍ତ ବିଭାଗ ସେହି ପରାମର୍ଶକୁ ମାନିପାରନ୍ତି ବା ମାନି ନପାରନ୍ତି । ସୁତରାଂ କେନ୍ଦ୍ର ସ୍ତରରେ ହେଉ ବା ରାଜ୍ୟ ସ୍ତରରେ, ଦୁର୍ନୀତି ନିବାରଣ ପାଇଁ ଯେଉଁ ସବୁ ସଂସ୍ଥା ବର୍ତ୍ତମାନ କାର୍ଯ୍ୟକରୁଛି, ସେଗୁଡିକ ମଧ୍ୟରୁ ପ୍ରକୃତ କ୍ଷମତାଶାଳୀ ସଂସ୍ଥାମାନେ (ସି.ବି.ଆଇ. ଓ ରାଜ୍ୟ ଭିଜିଲାନ୍ସ) ନିରପେକ୍ଷ ନୁହଁନ୍ତି, ଏବଂ ଆପାତ ନିରପେକ୍ଷ ସଂସ୍ଥାମାନେ (ସି ଏଣ୍ଡ୍ ଏଜି, ସିଭିସି) କ୍ଷମତାଶାଳୀ ନୁହଁନ୍ତି । ଏହି କାରଣରୁ ଏହିସବୁ ସଂସ୍ଥାଗୁଡିକ ପିଛା ଅଜସ୍ର ଅର୍ଥବ୍ୟୟ ହୋଇଚାଲୁଥିଲେ ହେଁ, ଉଚ୍ଚ ସ୍ତରରେ ଘଟୁଥିବା କୌଣସି ଦୁର୍ନୀତି କ୍ଷେତ୍ରରେ ଉପଯୁକ୍ତ ଦଣ୍ଡବିଧାନ ହୋଇପାରିନାହିଁ ।

### ରାଜ୍ୟ ଲୋକପାଳ ବ୍ୟବସ୍ଥା

ସ୍ୱାଧୀନତା ପରେ ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ କ୍ଷମତାସୀନ ଦଳମାନଙ୍କ ମନ୍ତ୍ରୀ ତଥା ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କ ସଲାସୁତୁରାରେ ବିଭିନ୍ନ ପ୍ରକାର ଦୁର୍ନୀତି ବ୍ୟାପକ ଭାବେ ଦେଖାଦେଇଥିବାରୁ କେନ୍ଦ୍ର ସରକାର ୧୯୬୬ରେ ପ୍ରଶାସନିକ ସଂସ୍କାର କମିଶନ୍ ବସାଇଥିଲେ । ସେହି କମିଶନ୍ ତାଙ୍କର ଅନ୍ତର୍ବର୍ତ୍ତୀ ରିପୋର୍ଟରେ ମୁଖ୍ୟତଃ ରାଜନେତାମାନଙ୍କ ଦୁର୍ନୀତିକୁ ଅନୁସନ୍ଧାନ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଲୋକପାଳ ବ୍ୟବସ୍ଥାର ପ୍ରତିଷ୍ଠା ପାଇଁ ସୁପାରିଶ୍ କରିଥିଲେ । ସେହି ସୁପାରିଶ୍ ଅନୁଯାୟୀ ୧୯୬୯ରେ ପାର୍ଲାମେଣ୍ଟରେ ଏକ ଲୋକପାଳ ବିଲ୍ ଆଗତ କରାଯାଇଥିଲା । କିନ୍ତୁ ତାହା ଲୋକସଭାରେ ପାସ୍ ହୋଇଯାଇ ଥିଲେ ବି ରାଜ୍ୟସଭାରେ ପାସ୍ ହେବା ପୂର୍ବରୁ ଲୋକସଭା ଭାଙ୍ଗିଯାଇ ଥିଲା । ସେବେଠାରୁ ଏହାକୁ ସଂସଦରେ ପାସ୍ କରିବା ପାଇଁ ବହୁବାର ଚେଷ୍ଟା ହୋଇଛି କିନ୍ତୁ ସଫଳତା ମିଳିନି । କିନ୍ତୁ ରାଜ୍ୟ ସ୍ତରରେ ଲୋକପାଳ ବ୍ୟବସ୍ଥା ପ୍ରଣୟନ କ୍ଷେତ୍ରରେ ଓଡିଶା ହେଉଛି ପ୍ରଥମ ରାଜ୍ୟ, ଯିଏକି ୧୯୭୦ରେ ଲୋକପାଳ ଓ ଲୋକାଯୁକ୍ତ ଆଇନ୍ ୧୯୭୦ ପାସ୍ କରିପାରିଥିଲା, ଯଦିଓ ୧୯୮୩ରେ ଏହାର କାର୍ଯ୍ୟକାରିତା ଆରମ୍ଭ ହୋଇଥିଲା । ୧୯୯୨ରେ ଏହି ଆଇନ୍ ପ୍ରତ୍ୟାହୃତ ହୋଇଯାଇଥିଲା, କିନ୍ତୁ ପୁଣି ୧୯୯୫ରେ ପୁନଃପ୍ରବର୍ତ୍ତୀତ ହେଲା । ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ଏତେ ଉଦ୍ଭଟ ଯେ, କୌଣସି ଦୁର୍ନୀତିର ପର୍ଦାଫାସ୍ କିମ୍ବା ଦଣ୍ଡବିଧାନ ହୋଇପାରିବନି । ଦୃଷ୍ଟାନ୍ତ ସ୍ୱରୂପ, ଲୋକପାଳଙ୍କ ଦ୍ୱାରା କୌଣସି ଏକ ଦୁର୍ନୀତିର ଅନୁସନ୍ଧାନ ସଂବନ୍ଧରେ ସୂଚନା ସର୍ବସାଧାରଣରେ ପ୍ରକାଶ କରାଯାଇ ପାରବନି, ଏବଂ ଯିଏ ପ୍ରକାଶ କରିବେ, ତାଙ୍କୁ ଦୁଇବର୍ଷ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡ ମିଳିବ (ଧାରା-୧୫) । ପୁଣି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘଟିଥିବା କୌଣସି ଦୁର୍ନୀତି ବିଷୟରେ ଯଦି ଲୋକପାଳଙ୍କର ହୃଦ୍‌ବୋଧ ହୁଏ, ତେବେ ସେ ଏ ବିଷୟରେ ଏକ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପଠାଇବେ ଏବଂ ମୁଖ୍ୟମନ୍ତ୍ରୀ ତାହାକୁ ଆବଶ୍ୟକ ମଣିଲେ ନିଜର ଏକ ଟିପ୍ପଣୀ ସହିତ ରାଜ୍ୟପାଳଙ୍କ ନିକଟକୁ ତୁରନ୍ତ ପ୍ରେରଣ କରିବେ ଏବଂ ରାଜ୍ୟପାଳ ସେହି ରିପୋର୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ତାହା ସଂପୂର୍ଣ୍ଣ ରୂପେ ତାଙ୍କର ଇଚ୍ଛାଧୀନ (ଧାରା-୧୩) । ବର୍ତ୍ତମାନ ଦେଶର ୧୭ଟି ରାଜ୍ୟରେ ପୃଥକ୍ ପୃଥକ୍ ଲୋକପାଳ ଆଇନ୍ ଚାଲୁରହିଛି, ଯାହାର ଘୋଷିତ ଉଦ୍ଦେଶ୍ୟ ହେଉଛି, ରାଜ୍ୟର ଯେ କୌଣସି ମନ୍ତ୍ରୀ ଓ ଅଫିସରଙ୍କ ଦ୍ୱାରା ଘଟୁଥିବା ଅନ୍ୟାୟ, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ସଂବନ୍ଧୀୟ ଅଭିଯୋଗର ଅନୁସନ୍ଧାନ କରିବା ଏବଂ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦେବା । କିନ୍ତୁ ଏହି ପଦକ୍ଷେପ ନେବା ପାଇଁ ସରକାର ଆଇନତଃ ବାଧ୍ୟ ନୁହଁନ୍ତି । ଏହି କାରଣରୁ, କୌଣସି ରାଜ୍ୟରେ ଅମଲା ବା ମନ୍ତ୍ରୀ ସ୍ତରରେ ଘଟୁଥିବା କୌଣସି ଦୁର୍ନୀତିର ପୂର୍ଣ୍ଣାଙ୍ଗ ଅନୁସନ୍ଧାନ ହୋଇପାରିନାହିଁ, କାର୍ଯ୍ୟାନୁଷ୍ଠାନ ହେବା ଦୂରର କଥା ।

### ସରକାର ପ୍ରସ୍ତାବିତ ଲୋକପାଳ ବିଲ୍

ଗତ ଦୁଇବର୍ଷ ଭିତରେ ଉଚ୍ଚସ୍ତରରେ ବଡବଡ ଦୁର୍ନୀତି, ଯଥା ୨-ଜି ସ୍ପେକ୍ଟ୍ରମ୍, କମନ୍‌ୱେଲଥ୍ ଗେମସ୍, ଆଦର୍ଶ ହାଉସିଂ ସୋସାଇଟି, ବିଦେଶ ବ୍ୟାଙ୍କରେ ଗଚ୍ଛିତ କଳାଧନ ଇତ୍ୟାଦି ସ୍କାମ୍‌କୁ ନେଇ ସାରା ଦେଶରେ ବ୍ୟାପକ ପ୍ରତିକ୍ରିୟା ଦେଖାଦେବାରୁ କେନ୍ଦ୍ର ସରକାର ଗତବର୍ଷ ଲୋକପାଳ ବିଲ୍ ୨୦୧୦ ଶୀର୍ଷକ ଏକ ଚିଠା ବିଧେୟକ ପ୍ରସାର କରି ଯଥାଶୀଘ୍ର ସଂସଦରେ ଏହାକୁ ଗୃହୀତ କରିନେବା ପାଇଁ ନିଜର ନିଷ୍ପତ୍ତି ଘୋଷଣା କଲେ । କେବଳ ମନ୍ତ୍ରୀମଣ୍ଡଳ ଓ ସାଂସଦଙ୍କୁ ପରିସରଭୁକ୍ତ କରୁଥିବା ଏହି

ଚିଠା-ବିଧେୟକର ବ୍ୟବସ୍ଥାଗୁଡିକ ଏପରି ପ୍ରଣୀତ ହୋଇଛି, ସେଗୁଡିକ କାର୍ଯ୍ୟକାରୀ ହେଲେ ଦୁର୍ନୀତିର ନିବାରଣ ତ ହେବନାହିଁ, ଅନ୍ୟପକ୍ଷରେ କେହି ସାଧାରଣ ବ୍ୟକ୍ତି ରାଜନେତାମାନଙ୍କ ଦୁର୍ନୀତି ବିରୁଦ୍ଧରେ ଅଭିଯୋଗ ଆଣିବା ପାଇଁ ସାହାସ କରିବେନି । ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ପଦସ୍ଥ ବା ଅବସରପ୍ରାପ୍ତ ୩ଜଣ ବିଚାରପତିଙ୍କୁ ନେଇ ଗଠିତ ହେବ ଏକ ତିନିଜଣିଆ ଲୋକପାଳ ସଂସ୍ଥା, ଯେ କି କେବଳ ପ୍ରଧାନମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ସାଂସଦଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ବିଚାର କରିବେ ଏବଂ ନିଜର ନିଷ୍ପତ୍ତିକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ (ଯଥା ଲୋକସଭା, ପ୍ରଧାନମନ୍ତ୍ରୀ ଓ ରାଜ୍ୟସଭା)ଙ୍କ ନିକଟକୁ ବିଚାର ପାଇଁ ପଠାଇବେ । କୌଣସି ମନ୍ତ୍ରୀ କିମ୍ବା ସାଂସଦଙ୍କ ବିରୁଦ୍ଧରେ ଅଭିଯୋଗକୁ ଲୋକପାଳ ସିଧାସଳଖ ଗ୍ରହଣ କରିବେ ନାହିଁ । ନାଗରିକମାନଙ୍କର ଯେଉଁସବୁ ଅଭିଯୋଗକୁ ଲୋକସଭାର ବାଚସ୍ପତି ବା ରାଜ୍ୟସଭାର ଅଧ୍ୟକ୍ଷ ସୁପାରିଶ୍ କରିଥିବେ, ଲୋକପାଳ କେବଳ ସେହି ଅଭିଯୋଗ ଗୁଡିକ ଉପରେ ଅନୁସନ୍ଧାନ କରିବେ । କିନ୍ତୁ ଅନ୍ୟପକ୍ଷରେ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ବାଜେ ଧରଣର ଏବଂ ଅଭିସନ୍ଧିମୂଳକ ବୋଲି କହି ଲୋକପାଳ ସଂପୃକ୍ତ ଅଭିଯୋକ୍ତାଙ୍କୁ ୧ବର୍ଷରୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୫୦ହଜାର ଟଙ୍କାର ଜୋରିମାନା ଲାଗୁ କରିପାରନ୍ତି (ଧାରା ୨୧) । ଲୋକପାଳଙ୍କ ରାୟ ବିରୁଦ୍ଧରେ ସାଧାରଣତଃ କୌଣସି ଅଦାଲତରେ ଅପିଲ୍ କରାଯାଇ ପାରିବ ନାହିଁ (ଧାରା ୨୫) ।

**ବିକଳ୍ପ ବିଲ୍ ସପକ୍ଷରେ ପ୍ରତିଶ୍ରୁତି**

ଅଥର୍ବ ସରକାରୀ ଲୋକପାଳ ବିଲ୍ ବଦଳରେ ସାରା ଦେଶ ପାଇଁ ଏକ ସୁସଂଗତ ଓ ସୁଦୃଢ ଦୁର୍ନୀତି ନିବାରଣ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଲକ୍ଷ୍ୟ ନେଇ ଗତ ବର୍ଷରୁ ବିଭିନ୍ନ ମହଲରେ ପ୍ରୟାସ ଜାରି ରହିଛି । ପ୍ରଥମେ ଗତ ୧୦ ଅଗଷ୍ଟରେ ଜଷ୍ଟିସ୍ ସନ୍ତୋଷ ହେଗ୍‌ଡେ (କର୍ଣ୍ଣାଟକ ଲୋକାୟୁକ୍ତ), ଜେ.ଏମ୍. ଲିଙ୍ଗ୍‌ଡୋ (ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର୍), ପି.ଶଙ୍କର (ପୂର୍ବତନ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍), ପ୍ରଶାନ୍ତ ଭୂଷଣ (ଆଡ୍‌ଭୋକେଟ୍ ସୁପ୍ରିମ୍ କୋର୍ଟ), ଓ ଅରବିନ୍ଦ କେଜରିଓ୍ୱାଲ୍ (ସମାଜକର୍ମୀ) ପ୍ରମୁଖ ୧୦ଜଣ ବିଶିଷ୍ଟ ବ୍ୟକ୍ତି ଦିଲ୍ଲୀରେ ଏକ ବୈଠକରେ ମିଳିତ ହୋଇ ପ୍ରଚଳିତ ଦୁର୍ନୀତି ନିବାରଣ ବ୍ୟବସ୍ଥାର ସମୀକ୍ଷା କରିବା ସହିତ ସରକାର ପ୍ରସ୍ତାବିତ ଲୋକପାଳ ବିଲ୍‌ର ବିଶଦ୍ ତର୍ଜମା କରିଥିଲେ । ସେମାନେ ଏକ ବିକଳ୍ପ ବିଲ୍‌ର ଢାଞ୍ଚା ମଧ୍ୟ ପ୍ରସ୍ତାବନା କରିଥିଲେ, ଯାହାର ବୈଶିଷ୍ଟ୍ୟ ଗୁଡିକ ହେଲା, (୧) କେନ୍ଦ୍ରରେ ଲୋକପାଳ ଓ ରାଜ୍ୟରେ ଲୋକାୟୁକ୍ତକୁ ସମନ୍ୱିତ କରି ଏକ ସମରୂପ, ନିରପେକ୍ଷ ଓ କ୍ଷମତାଶାଳୀ ଦୁର୍ନୀତି ନିବାରଣ ବ୍ୟବସ୍ଥା ରହିବ, (୨) କେନ୍ଦ୍ର ସରକାର ତୁରନ୍ତ ଏକ ଆଇନ୍ ପାସ୍ କରିବେ, ଯାହା ଫଳରେ କେନ୍ଦ୍ରରେ ପ୍ରସ୍ତାବିତ ଲୋକପାଳକୁ ପ୍ରତିଷ୍ଠା କରାଯିବା ସହିତ ଯେଉଁସବୁ ରାଜ୍ୟରେ ଲୋକାୟୁକ୍ତ ଆଇନ୍ କାଏମ୍ ଅଛି ସେଠାରେ ତାକୁ ପ୍ରସ୍ତାବିତ ଲୋକପାଳ ଆଇନ୍ ଢାଞ୍ଚାରେ ସଂଶୋଧନ କରିବାକୁ ପଡିବ, (୩) ଲୋକପାଳ/ଲୋକାୟୁକ୍ତଙ୍କର ମୁଖ୍ୟତଃ ୩ଟି ଦାୟିତ୍ୱ ରହିବ- ଦୁର୍ନୀତି ସଂକ୍ରାନ୍ତ ଅଭିଯୋଗକୁ ସିଧାସଳଖ ଗ୍ରହଣ କରି ଅନୁସନ୍ଧାନ କରିବା ଓ ନିଷ୍ପତ୍ତି ଶୁଣାଇବା, କୌଣସି ନ୍ୟାଯ୍ୟ ଅଧିକାର ବା ପ୍ରାପ୍ୟରୁ ବଞ୍ଚିତ ଜଣେ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି କରି ତହିଁର ପ୍ରତିକାର ସହିତ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେବା, ତଥା ଦୁର୍ନୀତି ସଂବନ୍ଧରେ ଗୋପନ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସମ୍ଭାବ୍ୟ ଆକ୍ରମଣ କବଳରୁ ସୁରକ୍ଷା ଦେବା, (୪) ଲୋକପାଳ/ ଲୋକାୟୁକ୍ତ ଅମଲାଗୋଷ୍ଠୀ, ମନ୍ତ୍ରୀ ଓ ବିଚାରପତିମାନଙ୍କ ବିରୁଦ୍ଧରେ ଅଭିଯୋଗ ଗ୍ରହଣ କରି ଫଇସଲା ଶୁଣାଇ ପାରିବା, (୫) ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣିତ ହୋଇଥିବା ଅଭିଯୁକ୍ତଙ୍କ ଠାରୁ ହଡପ୍ ଅର୍ଥରାଶିକୁ ଆଦାୟ କରାଯିବା, (୬) ଲୋକପାଳ/ଲୋକାୟୁକ୍ତଙ୍କୁ ନିଯୁକ୍ତି ପାଇଁ ଉଭୟ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କୁ ନେଇ ଏକ ଚୟନ କମିଟି ଗଠନ, (୭) ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଲୋକପାଳ/ଲୋକାୟୁକ୍ତଙ୍କ ବହିଷ୍କାର ପାଇଁ ସୁପ୍ରିମ୍ କୋର୍ଟରେ ଆବେଦନ, (୮) ଲୋକପାଳ/ଲୋକାୟୁକ୍ତଙ୍କ ସମସ୍ତ କାର୍ଯ୍ୟବିଧିରେ ସ୍ୱଚ୍ଛତା ରକ୍ଷା, (୯) ଏହାର କୌଣସି ଅଧିକାରୀ/ କର୍ମଚାରୀଙ୍କ ବିରୁଦ୍ଧରେ ଆଗତ ଅଭିଯୋଗର ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ, (୧୦) ସିଭିସି ସଂପୂର୍ଣ୍ଣ ରୂପେ ଏବଂ ସିବିଆଇର ଦୁର୍ନୀତି ଅନୁସନ୍ଧାନ ବିଭାଗ ତଥା ରାଜ୍ୟର ଭିଜିଲାନ୍ସ ବିଭାଗ ଯଥାକ୍ରମେ କେନ୍ଦ୍ରୀୟ ଲୋକପାଳ ଓ ରାଜ୍ୟ ଲୋକାୟୁକ୍ତ ସହିତ ସମ୍ମିଶ୍ରଣ, (୧୧) ଲୋକପାଳ/ଲୋକାୟୁକ୍ତ ନିଜର ଅଧିକାରୀ/କର୍ମଚାରୀ ଚୟନ କରିବା ଏବଂ ତଦ୍ୱାରା ସରକାରଙ୍କ ଠାରୁ ନିଜର ନିରପେକ୍ଷତା ବଜାୟ ରଖିବା, (୧୨) ଏକ ଦୁର୍ନୀତି ସଂକ୍ରାନ୍ତ ମାମଲାର ଅନୁସନ୍ଧାନ ବର୍ଷକ ଭିତରେ ଏବଂ ତା'ପର ବର୍ଷକ ଭିତରେ ବିଚାର ପ୍ରକ୍ରିୟା ସମାପ୍ତ ହେବ, ଯାହା ଫଳରେ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ, ରାଜନେତା ବା ବିଚାରପତିଙ୍କୁ ସର୍ବାଧିକ ୨ବର୍ଷ ଭିତରେ ଜେଲ୍ ପଠାଇ ହେବ ।

**ଜନ ଲୋକପାଳ ବିଲ୍**

ସମସ୍ତେ ଜାଣନ୍ତି, ଏପ୍ରିଲ୍ ୫ରୁ ୧୦ ତାରିଖ ଆନ୍ନା ହଜାରେଙ୍କ ଆମରଣ ଅନଶନ ଆନ୍ଦୋଳନ ଚାପରେ କେନ୍ଦ୍ର ସରକାର ଉଭୟ ସରକାରୀ ଓ ବେସରକାରୀ ପ୍ରତିନିଧିଙ୍କୁ ନେଇ ଆନ୍ନାଙ୍କ ସମେତ ଏକ ଏଗାର ଜଣିଆ କମିଟି ଗଠନ କରିଛନ୍ତି, ଯେ କି ଆନ୍ନାଙ୍କ ପ୍ରସ୍ତାବିତ ଜନ ଲୋକପାଳ ବିଲ୍‌କୁ ବିଚାରକୁ ନେଇ ଏକ ନୂତନ ଆଇନ୍ ପ୍ରଣୟନ କରିବେ । କିନ୍ତୁ ଆନ୍ନାଙ୍କ ପ୍ରସ୍ତାବିତ ଚିଠା-ବିଧେୟକ (ସଂସ୍କରଣ ୨.୧, ଯାହାକି ତାଙ୍କ ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ)କୁ ପଢିବା ପରେ ଏକ ମୌଳିକ ପ୍ରଶ୍ନ ଉଙ୍କି ମାରୁଛି- ଏହି ଚିଠା-ବିଧେୟକ ସପକ୍ଷରେ ଯାହା ସବୁ କୁହଯାଇଛି ଏବଂ ଏବେ ବି କୁହାଯାଉଛି, ତାହା କ'ଣ ଏଥିରେ ପ୍ରତିଫଳିତ ହୋଇଛି ? ଏଠାରେ ସୂଚନା ଯୋଗ୍ୟ ଯେ, ଆନ୍ନାଙ୍କ ପ୍ରତିଶ୍ରୁତି ଥିଲା ଯେ, ନୂତନ ଢାଞ୍ଚାରେ କେନ୍ଦ୍ରରେ ଲୋକପାଳ ଏବଂ ରାଜ୍ୟରେ ଲୋକାୟୁକ୍ତ ବ୍ୟବସ୍ଥାକୁ ପ୍ରତିଷ୍ଠା କରିବା ପାଇଁ ଏକ ସାମଗ୍ରୀକ ଆଇନ୍ ପ୍ରଣୟନ କରାଯିବ, ଯାହାଫଳରେ ଯେଉଁସବୁ ରାଜ୍ୟରେ ପ୍ରଚଳିତ ଢାଞ୍ଚାରେ ଲୋକପାଳ/ଲୋକାୟୁକ୍ତ ବ୍ୟବସ୍ଥା କାଏମ୍ ଥିବ, ସେମାନେ ନିଜ ନିଜର ସଂପୃକ୍ତ ଆଇନ୍ ଗୁଡିକୁ ନୂତନ ଢାଞ୍ଚା ଅନୁଯାୟୀ ସଂଶୋଧନ କରିବେ, ଏବଂ ସାରା ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କୁ ପରିସରଭୁକ୍ତ କରି ଗୋଟିଏ ସଶକ୍ତ ଓ ସମନ୍ୱିତ ଦୁର୍ନୀତି ନିବାରଣ ଓ ଆପତ୍ତି ପ୍ରତିକାର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇ ପାରିବ । କିନ୍ତୁ ବର୍ତ୍ତମାନର ଜନ ଲୋକପାଳ ବିଲ୍‌ର ଚିଠା-ପ୍ରସ୍ତାବର ପ୍ରାକ୍-କଥନ ଅନୁଯାୟୀ, କେବଳ କେନ୍ଦ୍ରୀୟ ସ୍ତର ପାଇଁ ଏହା ପ୍ରଯୁଜ୍ୟ ହେବ । ପୁଣି ଧାରା-୨(୧୨)ରେ 'ଜନସେବକ'ର ସଂଜ୍ଞାୟନ କରାଯାଇ ଏକଥା ସ୍ପଷ୍ଟ କରିଦିଆଯାଇଛି ଯେ, କେବଳ ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ସାଂସଦ, ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟର ବିଚାରପତି ତଥା କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବା ପରିଚାଳିତ ଅଧିକାରୀମାନେ ଏହାର ପରିସରଭୁକ୍ତ । ଅର୍ଥାତ୍ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ନିମ୍ନ ଅଦାଲତର ବିଚାରପତି କିମ୍ବା ପ୍ରଶାସକ ଗୋଷ୍ଠୀଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଏହି ଆଇନ୍‌ର ପରିସରଭୁକ୍ତ ହେବନାହିଁ । ଫଳତଃ ପ୍ରସ୍ତାବିତ ଚିଠା-ବିଧେୟକ ଯଦି ଆଇନ୍‌ରେ ପରିଣତ ହୁଏ, ତେବେ ଦେଶରେ ତ୍ରିବିଧ ବ୍ୟବସ୍ଥା ସମାନ୍ତରାଳ ଭାବେ ସହାବସ୍ଥାନ କରିବ- କେନ୍ଦ୍ରରେ ନୂତନ ଢାଞ୍ଚାର ଲୋକପାଳ, ଓଡିଶା ସମେତ ୧୭ଟି ରାଜ୍ୟରେ ପୁରାତନ ଢାଞ୍ଚାର ତ୍ରୁଟିପୂର୍ଣ୍ଣ ଲୋକପାଳ/ଲୋକାୟୁକ୍ତ, ତଥା ବାକୀ ୧୧ଟି ରାଜ୍ୟରେ ଯେଉଁଠି ଏତାଦୃଶ କୌଣସି ଆଇନ୍ ନାହିଁ, ସେଠାରେ ପାରମ୍ପରିକ, ଭିଜିଲାନ୍ସ-ପରିଚାଳିତ ବ୍ୟବସ୍ଥା । ଏମିତି ହୋଇପାରେ, ଗୋଟିଏ ଦୁର୍ନୀତି କେଶ୍, ଯେପରିକି ବେଆଇନ୍ ଖଣିକାର୍ଯ୍ୟକୁ ପ୍ରଶୟ ଦେବା, ତାହା ଉପରେ କେନ୍ଦ୍ରୀୟ ଲୋକପାଳ ଗୋଟିଏ ପ୍ରକାର ନିଷ୍ପତ୍ତି ଶୁଣାଇଲା ବେଳେ ସଂପୃକ୍ତ ରାଜ୍ୟର ଲୋକପାଳ ବା ଭିଜିଲାନ୍ସ ଭିନ୍ନ ଏକ ନିଷ୍ପତ୍ତିରେ ପହଞ୍ଚିପାରନ୍ତି । ମନେ ହୁଏ, ଏହା ଫଳରେ ଆମେ ମହରଗରୁ ଯାଇ କାନ୍ତାରରେ ପଡିବା । ସୁତରାଂ, ବର୍ତ୍ତମାନ ପରିସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କୁ ପରିସରଭୁକ୍ତ କରି ସାରା ଦେଶ ପାଇଁ ଏକ ସାମଗ୍ରୀକ, ସମରୂପ ଓ ସମନ୍ୱିତ ଜନ ଲୋକପାଳ ଆଇନ୍ ପ୍ରସ୍ତୁତ କରିବା ଦିଗରେ ଆନ୍ନା ହଜାରେ ଓ ମିଳିତ ଚିଠା-ପ୍ରସ୍ତୁତି କମିଟିର ସଭ୍ୟମାନେ ଉପଯୁକ୍ତ ଧ୍ୟାନ ଦେବେ ବୋଲି ଆମେ ଆଶା କରିବା ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile-9437577546, Dt 16.4.2011